# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

## 9 December – 2025

# ଲୋକସଭା-ବନ୍ଦେ ମାତରମ୍-ଆଲୋଚନା

ଲୋକସଭାରେ ଆଜି ନିର୍ବାଚନୀ ସଂସ୍କାର ଉପରେ ଆଜି ସ୍ୱତନ୍ତ୍ର ଆଲୋଚନା ହେବ । ରାଜ୍ୟସଭାରେ ଆଜି ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର ଆଲୋଚନା ପାଇଁ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଜାତୀୟ ଗୀତ ହେଉଛି ଏଭଳି ଏକ ଶକ୍ତି ଯାହା ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ୱପ୍ନ ହାସଲ କରିବାରେ ମାର୍ଗ ଦର୍ଶନ କରିଥିଲା ବୋଲି ଗତକାଲି ଲୋକସଭାରେ ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ଆଲୋଚନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ।

# ବ୍ୟୟ ମଂଜୁରୀ ବିଲ୍

୨୦୩୬ ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଭିତ୍ତିଭୂମି ନିର୍ମାଣ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ବିଧାନସଭାରେ ଗତକାଲି ଚଳିତ ଆର୍ଥିକବର୍ଷର ଅତିରିକ୍ତ ବ୍ୟୟ ମଂଜୁରୀ ବିଲ୍ ଆଲୋଚନାର ଉତ୍ତରରେ ଶ୍ରୀ ମାଝୀ କହିଛନ୍ତି, ଅନ୍ନଦାତା, ମହିଳା, ଯୁବଗୋଷ୍ଠୀ ଏବଂ ଗରିବ ଲୋକଙ୍କ ପାଇଁ ବଜେଟ୍‌ରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ପ୍ରସ୍ତାବ ସରକାରଙ୍କର ରହିଛି । ରାଜ୍ୟର ସାମଗ୍ରିକ ଘରୋଇ ଉତ୍ପାଦ ୬ ଦଶମିକ ୧/୧ ପ୍ରତିଶତ

ରହିଥିଲା, ଯାହାକି ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ସବୁଠାରୁ ଅଧିକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ପରେ ଗୃହରେ ଆଗତ ୧୭ ହଜାର ୪୪୦ କୋଟି ଟଙ୍କାର ଅତିରିକ୍ତ ବ୍ୟୟ ମଂଜୁରୀ ବିଲ୍ ପାରିତ ହୋଇଛି ।

## ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ଜାତୀୟ ହସ୍ତଶିଳ୍ପ ପୁରସ୍କାର ପ୍ରଦାନ କରିବେ । କେନ୍ଦ୍ର ବୟନଶିଳ୍ପ ମନ୍ତ୍ରଣାଳୟର ସୂଚନା ଅନୁସାରେ, ଦେଶର ସମୃଦ୍ଧ ଐତିହ୍ୟ, ସଂସ୍କୃତି ତଥା କାରିଗରଙ୍କ କଳାକୃତୀକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । କାର୍ଯ୍ୟକ୍ରମରେ ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂ ମଧ୍ୟ ଉପସ୍ଥିତ ରହିବେ ।

## ହସ୍ତଶିଳ୍ପ ସପ୍ତାହ

ରାଜ୍ୟର ହସ୍ତଶିଳ୍ପ ଏବଂ ହସ୍ତକଳା କାରିଗରଙ୍କ ପ୍ରଦର୍ଶନ ପରମ୍ପରା ତଥା ଐତିହ୍ୟ ଆଧାରିତ ସୃଜନଶୀଳତାକୁ ଋଦ୍ଧିମନ୍ତ ଓ ପ୍ରେରଣାଦାୟୀକରିଛି ବୋଲି ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି । କୋଣାର୍କ ଅର୍ବାନ୍ ହାଟଠାରେ ଆୟୋଜିତ ହସ୍ତଶିଳ୍ପ ସପ୍ତାହକୁ ଗତକାଲି ଉଦ୍‌ଘାଟନ କରି ଶ୍ରୀ ବଳସାମନ୍ତ କହିଛନ୍ତି, ସପ୍ତାହେ ବ୍ୟାପି ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଶିଳ୍ପୀଙ୍କ ଦକ୍ଷତା ପ୍ରଦର୍ଶନ ପାଇଁ ଏକ ମଞ୍ଚ ପ୍ରଦାନ କରିବ ।

# କ୍ରିକେଟ

କଟକ ବାରବାଟୀ ଷ୍ଟାଡିୟମରେ ଆଜି ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ କ୍ରିକେଟ୍ ମ୍ୟାଚ ଖେଳାଯିବ । ମ୍ୟାଚ୍ ସନ୍ଧ୍ୟା ୭ଟାରୁ ଆରମ୍ଭ ହେବ। ବାରବାଟୀରେ ଏହା ଚତୁର୍ଥ ଅନ୍ତର୍ଜାତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍। ଭାରତ ଓ ଦକ୍ଷିଣ ଆଫ୍ରିକା ତୃତୀୟଥର ପାଇଁ ବାରବାଟୀରେ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି। ପାଞ୍ଚ ମ୍ୟାଚ ବିଶିଷ୍ଟ ଏହି ଟି-ଟ୍ୱେଣ୍ଟି ଶୃଙ୍ଖଳାର ପ୍ରଥମ ମ୍ୟାଚ  ଆଜି   ଖେଳାଯିବ। ମ୍ୟାଚ୍ ଦେଖିବା ଲାଗି ୪୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ପୁଲିସ ପ୍ରଶାସନ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୫୦ ପ୍ଲାଟୁନ ଫୋର୍ସ ଓ ୩୦୦ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି।

# ଦୁର୍ନୀତି ନିବାରଣ ଦିବସ

ଦୁର୍ନୀତି ବିରୋଧରେ ସଚେତନତା ସୃଷ୍ଟି ଏବଂ ଏହାର ମୁକାବିଲା ପାଇଁ ସମ୍ମିଳିତ ପ୍ରୟାସ ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ଦୁର୍ନୀତି ନିବାରଣ ଦିବସ ପାଳନ କରାଯାଉଛି । ୨୦୦୩ ମସିହା ଅକ୍ଟୋବର ମାସ ୩୧ ତାରିଖରେ ସଂଯୁକ୍ତ ରାଷ୍ଟ୍ର ମହାସଭାରେ ଏହି ଦିବସ ପାଳନ ନେଇ ନିଷ୍ପତ୍ତି ଗ୍ରହଣ କରାଯିବା ପରେ ପ୍ରତିବର୍ଷ ଡିସେମ୍ବର ୯ ତାରିଖକୁ ଅନ୍ତର୍ଜାତୀୟ ଦୁର୍ନୀତି ନିବାରଣ ଦିବସ ପାଳନ କରାଯାଉଛି । **ଦୁର୍ନୀତି ବିରୁଦ୍ଧରେ ଯୁବପିଢ଼ିଙ୍କୁ ଏକତ୍ରିତ କରିବା**ର ବାର୍ତ୍ତା ନେଇ ଚଳିତବର୍ଷ ଏହି ଦିବସ ପାଳନ କରାଯାଉଛି।

# ରାହାଗିରି

କୋରାପୁଟ ଜିଲ୍ଲା ଜୟପୁର ପୌରପରିଷଦ ପକ୍ଷରୁ ଆୟୋଜିତ ହେବାକୁ ଥିବା ରାହାଗିରି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ୧୪ ତାରିଖରେ ସ୍ଥାନୀୟ କଳାକାରଙ୍କୁ ସାମିଲ କରି ଜୟପୁର ସର୍ଦ୍ଦାର ବଲ୍ଲଭ ଭାଇ ମାର୍ଗରେ ରାହାଗିରି ପଥୋତ୍ସବର ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି ।

# ବୈଠକ

ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଆଶୀଷ ଈଶ୍ୱର ପାଟିଲ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ମିନିଷ୍ଟରିଆଲ୍ ପୋର୍ଟାଲ୍‌ରେ ତଥ୍ୟ ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ।

# ପିଏମ୍‌ଶ୍ରୀ

ଭଦ୍ରକ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ଲଘୁ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ୧୦ଟି ପିଏମ୍‌ଶ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ ।

## ବିହନ ବଣ୍ଟନ

ନବରଙ୍ଗପୁର ଜିଲ୍ଲାରେ ଡାଲି ଜାତୀୟ ବିହନ ବଣ୍ଟନ କାର୍ଯ୍ୟକ୍ରମର ଗତକାଲି ଶୁଭାରମ୍ଭ ହୋଇଛି । ତେନ୍ତୁଳିଖୁଣ୍ଟି ବ୍ଲକ ଆତ୍ମା କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ପୋର୍ଟାଲ୍‌ରେ ପଞ୍ଜୀକୃତ ୪୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ବିହନ ବଣ୍ଟନ କରାଯାଇଛି ।

## ସୂଚନା ଆୟୋଗ

ଓଡ଼ିଶା ସୂଚନା ଆୟୋଗଙ୍କଠାରେ ବିଚାରାଧୀନ ମାମଲାଗୁଡ଼ିକର ସଂଖ୍ୟା ହ୍ରାସ ପାଇଛି । ଗତ ୭ମାସ ମଧ୍ୟରେ ବିଭିନ୍ନ ମାମଲାର ଶୁଣାଣି ଶେଷ ହେବା ଯୋଗୁଁ ମାମଲା ସଂଖ୍ୟା ୨୨ ହଜାର ୬୧୧ରୁ ୧୪ ହଜାରକୁ ହ୍ରାସ ପାଇଛି ।ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ା କହିଛନ୍ତି, ବିଚାରାଧୀନ ମାମଲାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଆୟୋଗଙ୍କ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି ।

## ବିଡ୍ଲୁଏଫ୍

କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ଆଜିଠାରୁ ଓଡ଼ିଶା ମାଷ୍ଟର୍ସ ୨୦୨୫ ବି.ଡବ୍ଲୁ.ଏଫ୍. ସୁପର୍ ୱାନ୍ ହଣ୍ଡ୍ରେଡ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ୍ ଆରମ୍ଭ ହେଉଛି । ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ

ଥିବା ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ପୁରୁଷ ଏବଂ ମହିଳା ବର୍ଗରେ ୧୭ଟି ଦେଶର ୩୭୭ ଜଣ କ୍ରୀଡ଼ାବିତ୍ ଅଂଶ ଗ୍ରହଣ କରୁଛନ୍ତି ।

## ଶୀତ

ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତର ପ୍ରଭାବ ବୃଦ୍ଧି ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଶୀତ ଅନୁଭୂତ ହେବ । ଗତକାଲି ଝାରସୁଗୁଡ଼ାଠାରେ ସର୍ବନିମ୍ନ ତାପମାତ୍ରା ୭ ଦଶମିକ ୪ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ ହୋଇଥିଲା । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନ କୁହୁଡ଼ି ହେବା ନେଇ ସୁନ୍ଦରଗଡ଼, କନ୍ଧମାଳ ଏବଂ ଶୀତର ଲହରୀ ବୃଦ୍ଧି ପାଇବା ନେଇ ଅନୁଗୁଳ ଓ ଝାରସୁଗୁଡ଼ା ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।